

**ଡକ୍ଟର ଏସ୍.ସି. ଜମିର**
**ମାନ୍ୟବର ରାଜ୍ୟପାଳ, ଓଡ଼ିଶା**

# ବାର୍ତ୍ତା


ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ 'ଓଡ଼ିଶା-୨୦୧୮' ପ୍ରକାଶ ପାଉଥିବା ଜାଣି ମୁଁ ଆନନ୍ଦିତ ।

ଓଡ଼ିଶା ସମ୍ପର୍କରେ ବ୍ୟାପକ ତଥ୍ୟସମ୍ବଳିତ 'ଓଡ଼ିଶା-୨୦୧୮' ପୁସ୍ତକ ଏକ ପ୍ରଶଂସନୀୟ ପ୍ରୟାସ, ଯାହା ପାଠକପାଠିକା ତଥା ନିଯୁକ୍ତି ଆଶାୟୀମାନଙ୍କୁ ସମସ୍ତ ଗୁରୁତ୍ୱପୂର୍ଣ୍ଣ, ପ୍ରାସଙ୍ଗିକ ଓ ପ୍ରାମାଣିକ ସୂଚନା ଦେବା ସହ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ଅଗ୍ରଗତି ସମ୍ପର୍କରେ ଜ୍ଞାନ ପ୍ରଦାନ କରିବ । ଏହି ପୁସ୍ତକ ସଂଗ୍ରାହକମାନଙ୍କ ପାଇଁ ସୁଖପ୍ରଦ ହେବା ସହ ଅଧିକ ପାଠକପାଠିକାଙ୍କ ବ୍ୟବହାର ନିମନ୍ତେ ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ଓ ସାର୍ବଜନୀନ ଗ୍ରନ୍ଥାଗାରରେ ସ୍ଥାନ ପାଇବା ନିମନ୍ତେ ଯୋଗ୍ୟ ଅଟେ । ସମସ୍ତ ପ୍ରତ୍ୟାଶାର ପୂରଣ ନିମନ୍ତେ ଏହି ପୁସ୍ତକ ପାଇଁ ସବୁପ୍ରକାର ଯତ୍ନ ନିଆଯାଇଥିବ ବୋଲି ମୁଁ ଆଶା କରୁଛି ।

ମୁଁ ପ୍ରକାଶନର ସର୍ବ ସଫଳତା କାମନା କରୁଛି ।

ଏସ୍. ସି. ଜମିର

**(ଏସ୍.ସି. ଜମିର)**



**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
**ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ବାର୍ତ୍ତା

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୨୦୧୮ ବର୍ଷ ପାଇଁ ‘ଓଡ଼ିଶା-୨୦୧୮’ ପ୍ରକାଶ ପାଉଥିବା ଖୁସିର କଥା ।

ଆଧୁନିକ ସମାଜରେ ସୂଚନା ହିଁ ପ୍ରକୃତ ଶକ୍ତି । ସଫଳତା ପାଇଁ ଆବଶ୍ୟକ କ୍ଷେତ୍ର ପ୍ରସ୍ତୁତ କରିବା ସହିତ ଏହା ଆମର ସଶକ୍ତିକରଣରେ ସହାୟକ ହୋଇଥାଏ । ଓଡ଼ିଶା ସମ୍ପର୍କରେ ସାମଗ୍ରିକ ସୂଚନା ପ୍ରଦାନ କରିବା କ୍ଷେତ୍ରରେ ‘ଓଡ଼ିଶା-୨୦୧୮’ ଏକ ସଫଳ ଉଦ୍ୟମ । ଓଡ଼ିଶାର ଗୌରବମୟ ଐତିହ୍ୟ ଓ ବିପୁଳ ସମ୍ଭାବନା ସମ୍ପର୍କରେ ଏହା ଏକ ଉପାଦେୟ ପୁସ୍ତକ ହୋଇପାରିଛି । ଏହି ପୁସ୍ତକ ସଂକଳନରେ ସହାୟତା କରିଥିବା ସମସ୍ତଙ୍କୁ ମୋର ଧନ୍ୟବାଦ ।

ମୁଁ ଏହି ସଂକଳନର ସଫଳତା କାମନା କରିବା ସହିତ ଏହା ପାଠକମାନଙ୍କ ନିକଟରେ ଆଦୃତ ହେବ ବୋଲି ମୋର ଆଶା ।



(ନବୀନ ପଟ୍ଟନାୟକ)



**ଶ୍ରୀଯୁକ୍ତ ପ୍ରତାପ ଜେନା**
**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ୍ ଏବଂ**
**ସୂଚନା ଓ ଲୋକସମ୍ପର୍କ, ଓଡ଼ିଶା**

# ବାର୍ତ୍ତା

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ 'ଓଡ଼ିଶା-୨୦୧୮' ପ୍ରକାଶ ପାଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ ।

ଜ୍ଞାନ ହିଁ ଶକ୍ତି । ଜାଣିଲେ ଜିତି ହୁଏ । ଗଣତନ୍ତ୍ରର ସମୁଚିତ ସୁରକ୍ଷା ଓ ସଠିକ୍ ପରିଚାଳନା ପାଇଁ ବିଜ୍ଞ ନାଗରିକ ସମାଜ ଅତ୍ୟାବଶ୍ୟକ ।

ଅନନ୍ୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା, ମନୋରମ ବେଳାଭୂମି, ବନ୍ୟ ସମ୍ପଦ, ସ୍ଥାପତ୍ୟଭରା ମନ୍ଦିର, ଅପୂର୍ବ ମହୋତ୍ସବ, ଭରପୂର ଖଣିଜ ସମ୍ପଦ ଓ ପ୍ରଚୁର ଶିଳ୍ପ ସମ୍ଭାବନାର ରାଜ୍ୟ ଓଡ଼ିଶା ସମଗ୍ର ପୃଥିବୀରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଦାରିଦ୍ର୍ୟ କମାଇବା ସହ ରାଜ୍ୟର ବିକାଶ ଓ ରାଜ୍ୟବାସୀଙ୍କ ଜୀବନଧାରଣର ମାନରେ ଉତ୍କର୍ଷ ଯୋଗୁଁ ଆମ ରାଜ୍ୟର ଦ୍ୱାରଦେଶରେ ପହଞ୍ଚିଛି ବ୍ୟାପକ ପୁଞ୍ଜିନିବେଶ । ରାଜ୍ୟର ଦକ୍ଷ ମାନବ ସମ୍ବଳର ସମୁଚିତ ଉପଯୋଗ କରି ପ୍ରତ୍ୟେକଙ୍କୁ ତଥ୍ୟ, ସୂଚନା ଓ ଜ୍ଞାନରୂପୀ ଅସ୍ତ୍ରରେ ସଜ୍ଜିତ କରିପାରିଲେ ରାଜ୍ୟ ଦ୍ରୁତ ଅଭିବୃଦ୍ଧି ପଥରେ ଅଗ୍ରସର ହୋଇପାରିବ, ଏଥିରେ ସନ୍ଦେହ ନାହିଁ ।

ମୋର ଦୃଢ ବିଶ୍ୱାସ, 'ଓଡ଼ିଶା-୨୦୧୮' ରାଜ୍ୟର ସଂସ୍କୃତି, ଐତିହ୍ୟ ଓ ପରମ୍ପରା, ଅବଦାନ ଓ ଅଭିବୃଦ୍ଧି ସମ୍ବନ୍ଧରେ ସ୍ପଷ୍ଟ ଚିତ୍ର ପ୍ରଦାନ କରି ସମସ୍ତଙ୍କ ପାଇଁ ଅତି ଉପାଦେୟ ପୁସ୍ତକରୂପେ ସାବ୍ୟସ୍ତ ହୋଇପାରିବ ।

'ଓଡ଼ିଶା-୨୦୧୮' ପ୍ରକାଶନ ସହ ସମ୍ପୃକ୍ତ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ପୁସ୍ତକର ସର୍ବସଫଳତା କାମନା କରୁଛି ।

ପ୍ରତାପ ଜେନା

**(ପ୍ରତାପ ଜେନା)**



**ଶ୍ରୀଯୁକ୍ତ ଆଦିତ୍ୟ ପ୍ରସାଦ ପାଢୀ, ଭା.ପ୍ର.ସେ.**
**ମୁଖ୍ୟ ଶାସନ ସଚିବ, ଓଡ଼ିଶା**

# ବାର୍ତ୍ତା

ଖୁସିର କଥା ଚଳିତ ବର୍ଷ ପ୍ରଥମ ଥର ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା 'ଓଡ଼ିଶା-୨୦୧୮' ପ୍ରକାଶିତ ହେବାକୁ ଯାଉଛି ।

ସୂଚନା ଓ ସଚେତନତା ନାଗରିକଙ୍କୁ କ୍ଷମତା ସମ୍ପନ୍ନ କରେ । ସଠିକ୍ ସୂଚନାର ସଂପ୍ରସାରଣରେ ଗଣତନ୍ତ୍ର ଅଧିକରୁ ଅଧିକ ଋଦ୍ଧିମନ୍ତ ହେବା ସହ ଦେଶ ଗଠନରେ ନାଗରିକମାନଙ୍କର ଭାଗୀଦାରିତା ବଢାଇଥାଏ । ସୂଚନା ପ୍ରସାରଣରେ ବ୍ୟାହତ ଘଟିଲେ ଗୁଜବ ପ୍ରଚାରିତ ହୁଏ ଏବଂ ତାହା ବିକାଶ ପ୍ରକ୍ରିୟାକୁ ପ୍ରତିହତ କରେ ।

କଳା ଓ ଭାସ୍କର୍ଯ୍ୟର ଉତ୍କର୍ଷ, ପ୍ରାକୃତିକ ଶୋଭାରାଜି ଏବଂ ନୈସର୍ଗିକ ନୃତ୍ୟ ସଂଗୀତର ମାଧୁରିମାରେ ଓଡ଼ିଶାର ସଂସ୍କୃତି ଋଦ୍ଧିମନ୍ତ । ବୈଦିକ ଯୁଗରୁ ଏ ରାଜ୍ୟର ସାଂସ୍କୃତିକ ବୈଭବ ବହୁ ମନୀଷୀ, ପରିବ୍ରାଜକ, ଗବେଷକ ଏବଂ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଆସିଛି । ବିଗତ ୨ ଦଶନ୍ଧି ମଧ୍ୟରେ ସାଧିତ ହୋଇଥିବା ଦୃଶ୍ୟମାନ ବିକାଶ ସହ ପର୍ଯ୍ୟାପ୍ତ ପ୍ରାକୃତିକ ସମ୍ପଦ ସମଗ୍ର ବିଶ୍ୱ ଦରବାରରେ ପୁନଶ୍ଚ ଓଡ଼ିଶାର ଉତ୍କର୍ଷ ପ୍ରତିପାଦିତ କରିଛି । ପ୍ରାକୃତିକ ସମ୍ପଦ ଏବଂ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ବିନିଯୋଗ ପାଇଁ ରାଜ୍ୟ ସରକାର ଅନେକ ଦୂରଦୃଷ୍ଟି ସମ୍ପନ୍ନ ନିୟାମକମାନ ପ୍ରଣୟନ କରିଛନ୍ତି । ରାଜ୍ୟର ପ୍ରଶାସନିକ ଧାରା ଓ ସେବା ପ୍ରଦାନ ବ୍ୟବସ୍ଥାକୁ ସହଜ, ସରଳ ଏବଂ ବ୍ୟବସାୟ ଅନୁକୂଳ କରାଯିବା ସହ ରାଜ୍ୟର ନିରନ୍ତର ବିକାଶ ନିମନ୍ତେ ଉପଯୁକ୍ତ ଭିତ୍ତିଭୂମି ଓ ବାତାବରଣ ସୃଷ୍ଟି କରାଯାଉଛି ।

ଆଶା କରୁଛି, 'ଓଡ଼ିଶା-୨୦୧୮'ର ସମ୍ପାଦନା ମଣ୍ଡଳୀ ଏହି ସମସ୍ତ ବିଷୟକୁ ଉପଯୁକ୍ତଭାବେ ପୁସ୍ତକରେ ସନ୍ନିବେଶିତ କରି ଏହାକୁ ବାସ୍ତବରେ ଏକ ବାର୍ଷିକ ତଥ୍ୟପୁଞ୍ଜି ଦସ୍ତାବିଜଭାବେ ପ୍ରସ୍ତୁତ କରିବେ ।

ଏତାଦୃଶ ଉଦ୍ୟମ ପାଇଁ ମୁଁ ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁବାଦ ଜଣାଇବା ସଙ୍ଗେ ସଙ୍ଗେ ପ୍ରକାଶନର ପୂର୍ଣ୍ଣ ସଫଳତା କାମନା କରୁଛି ।

ଆଦିତ୍ୟ ପାଢୀ

**(ଆଦିତ୍ୟ ପ୍ରସାଦ ପାଢୀ)**



**ଶ୍ରୀଯୁକ୍ତ ଆର୍.ବାଲ୍‌କ୍ରିଷ୍ଣନ୍, ଭା.ପ୍ର.ସେ.**
**ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା**

# ବାର୍ତ୍ତା

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା 'ଓଡ଼ିଶା-୨୦୧୮' ପ୍ରକାଶିତ ହେଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ ।

ଓଡ଼ିଶା ଏକ ଜ୍ଞାନସମୃଦ୍ଧ ସମାଜ ଭାବରେ ଆବିର୍ଭୂତ ହେଉଛି, ଯାହାକି ଭବିଷ୍ୟତରେ ରାଜ୍ୟକୁ ଦ୍ରୁତ ପ୍ରଗତି ପଥରେ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଯାତ୍ରାକୁ ସୁନିଶ୍ଚିତ କରିବା ନିମନ୍ତେ ସୂଚନା ଏକ ପ୍ରାସଙ୍ଗିକ ସାଧନ ଅଟେ । ସୂଚନା ବହୁପ୍ରସ୍ଥୀ ଏବଂ ସୁଦୂରପ୍ରସାରୀ, ଏହା ରାଜ୍ୟର ସାମାଜିକ-ଅର୍ଥନୈତିକ ସମୃଦ୍ଧିର ବହୁଗୁଣିତ ପ୍ରଭାବ ନିମନ୍ତେ ବିନିଯୋଗ ହେବା ବିଧେୟ । ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଙ୍କଳନ ଏବଂ ଏହାର ଉପସ୍ଥାପନ ରାଜ୍ୟକୁ ବହୁବିଧ ସାହାଯ୍ୟ କରିବ ।

ଏକ ଘଟଣାବହୁଳ ରାଜ୍ୟ ଭାବରେ ଓଡ଼ିଶା ଦ୍ରୁତ ପ୍ରଗତି ପଥରେ ଅଗ୍ରସର ହେଉଛି । ପ୍ରାସଙ୍ଗିକ ଏବଂ ନୂତନ ତଥ୍ୟ ସମ୍ବଳିତ 'ଓଡ଼ିଶା-୨୦୧୮' ଓଡ଼ିଶାକୁ ଯଥାର୍ଥ ମାର୍ଗରେ ଉପସ୍ଥାପନ କରିବାର ଏକ ପ୍ରଚେଷ୍ଟା ।

ରାଜ୍ୟ ସମ୍ବନ୍ଧରେ ଜାଣିବାକୁ ଆଗ୍ରହୀ ସମସ୍ତଙ୍କ ନିମନ୍ତେ 'ଓଡ଼ିଶା-୨୦୧୮' ଅତ୍ୟନ୍ତ ଉପଯୋଗୀ ହେବ ବୋଲି ମୋର ଆଶା ।

(ଆର୍.ବାଲ୍‌କ୍ରିଷ୍ଣନ୍)



**ଶ୍ରୀଯୁକ୍ତ ହେମନ୍ତ ଶର୍ମା, ଭା.ପ୍ର.ସେ.**
**କମିଶନର ତଥା ଶାସନ ସଚିବ**
**ଶକ୍ତି ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ**

# ବାର୍ତ୍ତା

ମୁଁ ଜାଣି ଅତ୍ୟନ୍ତ ଆନନ୍ଦିତ ଯେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅଦ୍ୟାବଧ୍ି ସବିଶେଷ ତଥ୍ୟସମ୍ବଳିତ 'ଓଡ଼ିଶା-୨୦୧୮' ପ୍ରକାଶ ପାଉଛି । ଗୋଟିଏ ଜ୍ଞାନକୋଷ ଭାବରେ ଏହି ପୁସ୍ତକଟି ପ୍ରାଥମିକ ସ୍ତରରେ ଶିକ୍ଷାବିତ୍, ଗବେଷକ ଓ ସମାଜର ସବୁ ସ୍ତରର ଲୋକଙ୍କ ସୂଚନାପ୍ରାପ୍ତି ଆବଶ୍ୟକତାକୁ ପୂରଣ କରିବ । ଏହି ପୁସ୍ତକରେ ମଧ ଓଡ଼ିଶାର ପରମ୍ପରା ଓ ସଂସ୍କୃତି, କଳା ଓ ସ୍ଥାପତ୍ୟ, ଇତିହାସ ଓ ସାହିତ୍ୟ ସମ୍ପର୍କିତ ବିବିଧ ଆଲେଖ୍ୟ ସନ୍ନିବେଶିତ ହୋଇଛି । ଏହାର ଇ-ପ୍ରକାଶନ ସମଗ୍ର ବିଶ୍ୱରେ ପାଠକମାନଙ୍କ ନିମନ୍ତେ ବିଭିନ୍ନ ସୁଯୋଗ ଉନ୍ମୁକ୍ତ କରିବା ସହିତ ଓଡ଼ିଶା ଦୃଶ୍ୟପଟ୍ଟ ନିମନ୍ତେ ଏକ ବାତାୟନ ସଦୃଶ କାର୍ଯ୍ୟ କରିବ ।

ମୁଁ ଜାଣେ ଯେ ବିଭିନ୍ନ ସୂତ୍ରରୁ ତଥ୍ୟ ଓ ସୂଚନା ସଂଗ୍ରହକ୍ରମେ ଏହି ପୁସ୍ତକ ପ୍ରକାଶନ ପାଇଁ ଅନେକ ଉଦ୍ୟମ ହୋଇଛି । ପୁସ୍ତକ ପ୍ରକାଶନରେ ସଂପୃକ୍ତ ଦଳର ସଦସ୍ୟମାନଙ୍କ ଦକ୍ଷତା ଓ ପାରଦର୍ଶିତା ପ୍ରଶଂସନୀୟ ।

ମୁଁ ଏହି ପ୍ରକାଶନର ସର୍ବ ସଫଳତା କାମନା କରୁଛି ।

(ହେମନ୍ତ ଶର୍ମା)



**ଶ୍ରୀଯୁକ୍ତ ଲକ୍ଷ୍ମୀଧର ମହାନ୍ତି, ଓ.ଏ.ଏସ୍.(ବରିଷ୍ଠ ବର୍ଗ)**
**ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ**

# ବାର୍ତ୍ତା

ସୂଚନା ଓ ତଥ୍ୟର ଗନ୍ତାଘର ସଦୃଶ 'ଓଡ଼ିଶା-୨୦୧୮' ଚଳିତ ବର୍ଷ ପ୍ରକାଶ ପାଉଥିବାରୁ ମୁଁ ବିଶେଷ ଆନନ୍ଦିତ । ଆଜିର ଏହି ସୂଚନା ଯୁଗରେ ସୂଚନା ହିଁ ଜ୍ଞାନ ଏବଂ ଜ୍ଞାନ ହିଁ ଶକ୍ତି ସଦୃଶ । ସାଧାରଣ ପାଠକପାଠିକା, ବିଦ୍ୱାନ, ବୁଦ୍ଧିଜୀବୀ, ଗବେଷକ, ଛାତ୍ରଛାତ୍ରୀ ଆଦି ସମସ୍ତ ବର୍ଗର ଜ୍ଞାନପିପାସୁ ପାଠକଙ୍କ ରୁଚିକୁ ସୁହାଇଲା ଭଳି ଉପାଦେୟ ତଥ୍ୟଭିତ୍ତିକ ସଂକଳନ ପ୍ରସ୍ତୁତି ଦିଗରେ ନିଷ୍ଠାପର ଉଦ୍ୟମ ହୋଇଛି ।

ଉକ୍ତ ସଂକଳନର ପ୍ରକାଶନୀ ଦିଗରେ ସମ୍ପାଦନା ମଣ୍ଡଳୀର ଆନ୍ତରିକ ପ୍ରୟାସ ପ୍ରଶଂସାଯୋଗ୍ୟ । ଏହି ସୂଚନାଧର୍ମୀ ସଂକଳନକୁ ଭବିଷ୍ୟତରେ ଅଧିକ ଋଦ୍ଧିମନ୍ତ, ରୁଚିକର କରିବା ତଥା ଏହାର ବହୁଳ ଆଦୃତି ଦିଗରେ ଶିକ୍ଷାବିତ୍, ବିଦ୍ୱାନ ଓ ବିଶିଷ୍ଟ ଗବେଷକମାନଙ୍କର ମତାମତ ଓ ପରାମର୍ଶ ଆମନ୍ତ୍ରଣ କରୁଛି ।

ସୂଚନା ପ୍ରସାରଣରେ ଏହି ସଂକଳନ ନିଶ୍ଚିତ ଭାବେ ତାହାର ଲକ୍ଷ୍ୟ ସାଧନ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

(ଲକ୍ଷ୍ମୀଧର ମହାନ୍ତି)